# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05th December - 2024**

**News Editor : *Itishree Singh Rathuar***

**********************************

## ମୁଖ୍ୟ ସମ୍ବାଦ

- ନ୍ୟାୟପାଳିକାରେ ଆଞ୍ଚଳିକ ଭାଷାରେ କାର୍ଯ୍ୟ ସମ୍ପାଦନ ହେବା ଆବଶ୍ୟକ; କହିଲେ ରାଷ୍ଟ୍ରପତି ।

— ଅଦାଲତରେ ଆତ୍ମୀୟତାର ବାତାବରଣ ସୃଷ୍ଟି ଉପରେ ଗୁରୁତ୍ୱାରୋପ ।

— ଭୁବନେଶ୍ୱରରେ ନବନିର୍ମିତ ନ୍ୟାୟିକ ଅଦାଲତ ଅଟ୍ଟାଳିକାକୁ କଲେ ଉଦ୍‌ଘାଟନ ।

- କେନ୍ଦୁଝରରେ ରେଳଡବା ମରାମତି କାରଖାନା ପ୍ରତିଷ୍ଠାପାଇଁ ଲୋକସଭାରେ ଦାବି ଉପସ୍ଥାପନ କଲେ ସାଂସଦ ଅନନ୍ତ ନାଏକ ।

- ଭାରତୀୟ ସାଙ୍କେତିକ ଭାଷା ଲାଗି ପି.ଏମ୍. ଇ-ବିଦ୍ୟା ଡି.ଟି.ଏଚ୍. ଚ୍ୟାନେଲ୍‌ର ଆସନ୍ତାକାଲି ଶୁଭାରମ୍ଭ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏବଂ

- ଚଳିତ ବର୍ଷପାଇଁ ଜାତୀୟ ପଞ୍ଚାୟତ ପୁରସ୍କାରର ୭ଟି ବିଭାଗରେ ଓଡ଼ିଶା ମନୋନୀତ ।

**BBSR/C**

# ରାଷ୍ଟ୍ରପତି

ନ୍ୟାୟପାଳିକାରେ ଆଞ୍ଚଳିକ ଭାଷାରେ କାର୍ଯ୍ୟ ସମ୍ପାଦନ ହେବା ଆବଶ୍ୟକ । ଏହା ସାଧାରଣ ଲୋକଙ୍କ ଆଇନ ସାକ୍ଷରତା ବୃଦ୍ଧିରେ ସହାୟକ ହେବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଭୁବନେଶ୍ୱରରେ ଆଜି ରାଷ୍ଟ୍ରପତି ନବନିର୍ମିତ ନ୍ୟାୟିକ ଅଦାଲତ ଅଟ୍ଟାଳିକାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ବିଳମ୍ବରେ ମିଳୁଥିବା ନ୍ୟାୟ, ନ୍ୟାୟ ନ ମିଳିବା ସହ ସମାନ । କୋର୍ଟରେ ମାମଲାର ଶୁଣାଣି ସମୟରେ ବାରମ୍ବାର ତାରିଖ ଘୁଞ୍ଚାଇବା ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଜରୁରୀ । ରାଷ୍ଟ୍ରପତି ଅଦାଲତରେ ଆତ୍ମୀୟତାର ବାତାବରଣ ସୃଷ୍ଟି ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଓଡ଼ିଶାରେ ଗ୍ରାମ୍ୟ ନ୍ୟାୟାଳୟ ପ୍ରତିଷ୍ଠା କରାଯାଉଛି । ଏହାଦ୍ୱାରା ନ୍ୟାୟ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଗ୍ରାମ୍ୟ ନ୍ୟାୟାଳୟକୁ ଆହୁରି ବ୍ୟାପକ କରିବାପାଇଁ ରାଷ୍ଟ୍ରପତି ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ।

***Voice :..........***

ରାଷ୍ଟ୍ରପତି କହିଛନ୍ତି, ଦେଶରେ ଗତ ଜୁଲାଇ ପହିଲାରୁ ନୂତନ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ସମୟୋପଯୋଗୀ ପଦକ୍ଷେପ । ଏଥିରେ ଦଣ୍ଡ ଅପେକ୍ଷା ନ୍ୟାୟ ପ୍ରଦାନକୁ ଗୁରୁତ୍ୱ ଦେବା ସକାରାତ୍ମକ ଦୃଷ୍ଟିଭଙ୍ଗୀ ।

ରାଷ୍ଟ୍ରପତି ମହିଳାଙ୍କ ନେତୃତ୍ୱରେ ବିକାଶ ଉପରେ ଆଲୋଚନା କରି ଆଇନ କ୍ଷେତ୍ରରେ ଅଧିକ ମହିଳା ଯୋଗଦେବାପାଇଁ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହଙ୍କ ସମେତ ଅନ୍ୟ ବିଚାରପତି ଓ ଆଇନଜୀବୀ ଉପସ୍ଥିତ ଥିଲେ ।

ଏହା ପୂର୍ବରୁ ରାଷ୍ଟ୍ରପତି କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇଥିଲେ । ଉତ୍ସବରେ ୨୦୨୨ ଓ ୨୩ ଶିକ୍ଷାବର୍ଷ ପାଇଁ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପଦକ, ପୁରସ୍କାର ଓ ଡିଗ୍ରୀ ପ୍ରଦାନ କରାଯାଇଥିଲା । ରାଷ୍ଟ୍ରପତି ଆସନ୍ତାକାଲି ସକାଳେ ଭୁବନେଶ୍ୱର ଏ.ଜି. ଛକରେ ରେ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବେ । ଏହାପରେ ରାଷ୍ଟ୍ରପତି ମୟୂରଭଞ୍ଜ ଗସ୍ତରେ ଯାଇ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି ।

***HS***

# ରେଳଡବା ମରାମତି କାରଖାନା

କେନ୍ଦୁଝର ଜିଲ୍ଲାରେ ରେଳଡବା ମରାମତି କାରଖାନା ପ୍ରତିଷ୍ଠାପାଇଁ ସାଂସଦ ଅନନ୍ତ ନାଏକ ଲୋକସଭାରେ ଦାବି କରିଛନ୍ତି । ଲୋକସଭାରେ ଆଜି ଏହି ପ୍ରସଙ୍ଗ ଉପସ୍ଥାପନ କରି ଶ୍ରୀ ନାଏକ କହିଛନ୍ତି, ରାଜ୍ୟର ମୋଟ୍

ଖଣିଜ ଉତ୍ପାଦନରେ କେନ୍ଦୁଝରର ପ୍ରାୟ ୨୮ ପ୍ରତିଶତ ଯୋଗଦାନ ରହିଆସିଛି । ଖଣିଜ ସମ୍ପଦର ଉଚିତ ବ୍ୟବହାର ଓ ପରିଚାଳନାପାଇଁ ଏହି ସଂସଦୀୟ କ୍ଷେତ୍ରରେ ରେଳଡବା ମରାମତି କାରଖାନା ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ସ୍ଥାନୀୟ ଜନଜାତି ବର୍ଗର ଯୁବକଙ୍କୁ ନିଜ ଅଞ୍ଚଳରେ ରୋଜଗାର ମିଳିପାରିବ । କାରାକାନା ପ୍ରତିଷ୍ଠାପାଇଁ କେନ୍ଦ୍ର ସରକାର ଏବଂ ରେଳ ମନ୍ତ୍ରଣାଳୟକୁ ସାଂସଦ ଶ୍ରୀ ନାଏକ ଅନୁରୋଧ କରିଛନ୍ତି ।

***Desk***

# ପି.ଏମ୍. ଇ-ବିଦ୍ୟା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତାକାଲି ଭାରତୀୟ ସାଙ୍କେତିକ ଭାଷା ପାଇଁ ପି.ଏମ୍. ଇ-ବିଦ୍ୟା ଡି.ଟି.ଏଚ୍. ଚ୍ୟାନେଲ୍‌ର ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ମଧ୍ୟ ସାମିଲ୍ ହେବେ । ଶିକ୍ଷା ମନ୍ତ୍ରଣାଳୟର ସୂଚନା ଅନୁସାରେ ଏହାମାଧ୍ୟମରେ ଶ୍ରବଣବାଧିତ ପିଲା, ବ୍ୟକ୍ତିବିଶେଷ ଏବଂ ସେମାନଙ୍କପାଇଁ କାର୍ଯ୍ୟ କରୁଥିବା ଶିକ୍ଷକମାନଙ୍କ ସମେତ ଶ୍ରବଣବାଧିତଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବାପାଇଁ କାର୍ଯ୍ୟ କରୁଥିବା ସଙ୍ଗଠନଗୁଡ଼ିକ ଏଥିରେ ଭାଗ ନେଇପାରିବେ । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ସମାବେଶୀ ଶୈକ୍ଷିକ ବାତାବରଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସାଙ୍କେତିକ ଭାଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

*Desk*

## ମୁଖ୍ୟମନ୍ତ୍ରୀ - ମୁମ୍ବାଇ

ମହାରାଷ୍ଟ୍ରର ନୂତନ ମୁଖ୍ୟମନ୍ତ୍ରୀ ଭାବେ ମୁମ୍ବାଇର ଆଜାଦ ମଇଦାନଠାରେ ଦେବେନ୍ଦ୍ର ଫଡ଼ନବୀଶ ଶପଥ ଗ୍ରହଣ କରିଛନ୍ତି । ତାଙ୍କ ସହ ଏକନାଥ ସିନ୍ଦେ ଓ ଅଜିତ୍ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ମଧ୍ୟ ଶପଥ ନେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାମିଲ୍ ହୋଇଥିଲେ । ମୁମ୍ବାଇ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରବାସୀ ଓଡ଼ିଆମାନେ ସ୍ୱାଗତ ଜଣାଇଥିଲେ ।

*HS*

## ଗୋଚର ଜମି

ରାଜ୍ୟର ୬ ହଜାର ୨୯୧ ଏକର ଗୋଚର ଜମି ଜବରଦଖଲକାରୀଙ୍କ କବଳରେ ରହିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ପ୍ରକାଶ କରିଛନ୍ତି । ସଦସ୍ୟ ସାରଦା ନାୟକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ୨୧ଟି ଜିଲ୍ଲାରେ ଏହିସବୁ ଜମି ଜବରଦଖଲକାରୀଙ୍କ କବଳରେ

ରହିଛି । ବଲାଙ୍ଗିର ଜିଲ୍ଲାରେ ସର୍ବାଧିକ ୧ ହଜାର ୪୩୨ ଏକର ଜମି ଜବରଦଖଲରେ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

*HS*

## ବିଧାନସଭା - ସୁନାଖଣି

ରାଜ୍ୟରେ ଦୁଇଟି ସୁନାଖଣିର ସନ୍ଧାନ ମିଳିଛି ବୋଲି ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ କହିଛନ୍ତି । ସଦସ୍ୟ ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଦେବଗଡ଼ ଜିଲ୍ଲାର ଆଡ଼ାସ-ରମାପଲ୍ଲୀ ଏବଂ କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଞ୍ଚଳରେ ସୁନାଖଣିର ସନ୍ଧାନ ମିଳିଛି । ଭାରତୀୟ ଭୂ-ବିଜ୍ଞାନ ସଂସ୍ଥାଦ୍ୱାରା ଏହି ଅନୁସନ୍ଧାନ କାର୍ଯ୍ୟ କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି ।

*IPR*

## ପଞ୍ଚାୟତ ପୁରସ୍କାର

କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଉଥିବା ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ରେ ଓଡ଼ିଶାକୁ ୭ଟି ବିଭାଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆସନ୍ତା ୧୧

ତାରିଖରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହେବ । ଦୀନ ଦୟାଲ୍ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ବିଭାଗରେ ଗଞ୍ଜାମ ଜିଲ୍ଲା କେଲୁଆପଲ୍ଲୀ ଓ ସହପୁରକୁ ସୁସ୍ଥ ପଞ୍ଚାୟତ ଓ ସ୍ୱାବଲମ୍ବୀ ଭିତ୍ତିଭୂମି ପଞ୍ଚାୟତ ପୁରସ୍କାର ମିଳିବ । ସେହିଭଳି ନାନାଜୀ ଦେଶମୁଖ୍ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ବିଭାଗରେ ଛତ୍ରପୁର ପଞ୍ଚାୟତ ସମିତି ଶ୍ରେଷ୍ଠ ବ୍ଲକ୍ ପଞ୍ଚାୟତ ପୁରସ୍କାର ଓ କୋରାପୁଟ ଜିଲ୍ଲା ପରିଷଦକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର ମିଳିବ । ସୁନ୍ଦରଗଡ଼ ଜିଲ୍ଲା କସିର ଗ୍ରାମ ପଞ୍ଚାୟତକୁ ଗ୍ରାମ ଉର୍ଜା ସ୍ୱରାଜ ବିଶେଷ ପଞ୍ଚାୟତ ପୁରସ୍କାର ଓ କେନ୍ଦ୍ରିକେଲା ଗ୍ରାମ ପଞ୍ଚାୟତକୁ କାର୍ବନ୍ ନ୍ୟୁଟ୍ରାଲ୍ ବିଶେଷ ପଞ୍ଚାୟତ ପୁରସ୍କାର ଦିଆଯିବ । ଏହାସହ ରାଜ୍ୟ ଗ୍ରାମ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନକୁ ପଞ୍ଚାୟତ କ୍ଷମତା ନିର୍ମାଣ ସର୍ବୋତ୍ତମ ସଂସ୍ଥାନ ପୁରସ୍କାର ଦିଆଯିବ ବୋଲି ଜଣାପଡ଼ିଛି ।

***Boudh/R***

## ଏନ୍.ଡି.ଆର୍.ଏଫ୍. - ମକ୍ ଡ୍ରିଲ୍

ବୌଦ୍ଧ ସହରର ବାପୁଜୀ ନଗର ପୁଷ୍କରିଣୀରେ ଏନ୍.ଡି.ଆର୍.ଏଫ୍. ପକ୍ଷରୁ ସମ୍ଭାବ୍ୟ ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ସମ୍ପର୍କିତ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଛି । ପାଣିରେ ବୁଡ଼ିଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର ଓ ତ୍ୱରିତ ଚିକିତ୍ସା ସୁବିଧା ଯୋଗାଇଦେବା ସମ୍ପର୍କରେ ଏନ୍.ଡି.ଆର୍.ଏଫ୍. ଯବାନମାନେ କୌଶଳ ପ୍ରଦର୍ଶନ କରି ଲୋକମାନଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ

ଏନ୍.ସି.ସି. କ୍ୟାଡେଟ୍, ପୁଲିସ୍, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସାମିଲ୍ ହୋଇଥିଲେ ।

***Desk, Boudh, Bolangir/R***

# ବିଶ୍ୱ ମୃତ୍ତିକା ଦିବସ

ମୃତ୍ତିକା ସଂରକ୍ଷଣ ପ୍ରତି ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଉଛି। ୨୦୧୩ ମସିହାରେ ଜାତିସଂଘ ସାଧାରଣ ପରିଷଦ' ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଓ କୃଷି ସଂଗଠନର ପ୍ରସ୍ତାବକୁ ଗ୍ରହଣ କରି ପ୍ରତିବର୍ଷ ଡିସେମ୍ବର ୫ ତାରିଖରେ ବିଶ୍ୱ ମୃତ୍ତିକା ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୨୦୧୪ ମସିହାରୁ ପ୍ରତ୍ୟେକ ବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ମୃତ୍ତିକା କ୍ଷୟକୁ ରୋକିବା ଏବଂ କୃଷି କାର୍ଯ୍ୟରେ ଅତ୍ୟଧିକ ରାସାୟିକ ସାର ଓ କୀଟନାଶକ ବ୍ୟବହାର ନେଇ ସୃଷ୍ଟ ଆହ୍ୱାନର ମୁକାବିଲା ଲକ୍ଷ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଆଜି ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ଆନୁକୂଲ୍ୟରେ 'ମୃତ୍ତିକାରେ ଯତ୍ନ, ମାପ, ତଦାରଖ, ପରିଚାଳନା' ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ

ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ କୁଳପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବୌଦ୍ଧ କୃଷି ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ହିତାଧିକାରୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିଛନ୍ତି । ଜିଲ୍ଲାପାଳଙ୍କ ସମେତ କୃଷି ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇ ଚାଷଜମିର ମୃତ୍ତିକା ପରୀକ୍ଷା କରିବା ସହ ଅନୁମୋଦିତ ସାର ଓ କୀଟ ନାଶକ ପ୍ରୟୋଗ କରି ଚାଷୀମାନେ ଆଶାନୁରୂପ ଫସଲ ଉତ୍ପାଦନ କରିପାରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ ।

ବଲାଙ୍ଗିର ଜିଲ୍ଲା କୃଷି କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ମୃତ୍ତିକା ଦିବସ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇ ମୃତ୍ତିକା ପରୀକ୍ଷାର ଉଦ୍ଦେଶ୍ୟ ଓ ସୁଫଳ ସମ୍ପର୍କରେ ଆଲୋଚନା କରିଥିଲେ ।

***Desk***

# ପାଣିପାଗ

ରାଜ୍ୟରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହୋଇପାରେ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତାକାଲି

କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହେବ।

*****